ମଡ୍ୟୁଲ - ୫

ସସମାମୟିକ ବିଶ୍ୱ



ଟିପ୍ପଣୀ

**୨୨**

# ୧୯୦୦ର ବିଶ୍ୱ

## ଉନବିଂଶ ଶତାବ୍ଦୀର ମହତ୍ୱ

ଯେତେବେଳେ ଆମକୁ ପୁସ୍ତକ, ଫିଲ୍ମ, ଦୂରଦର୍ଶନ ଅଥବା ବୟୋଜ୍ୟେଷ୍ଠମାନଙ୍କ ଦ୍ୱାରା କୁହାଯାଉଥିବା କାହାଣୀ ମାଧ୍ୟମରେ ଅତୀତ ସମ୍ବନ୍ଧରେ ସୂଚନା ପାଉ, ସେତେବେଳେ ଆମେ ଅନ୍ୟଯୁଗ ଏବଂ ଆମର ସମୟ ମଧ୍ୟରେ ଅନେକ ବିଭିଧତା ତଥା ସମାନତା ଦେଖିଥାଉ । ଆମକୁ ଜଣା ଅଛିଯେ ଅନେକ ଭୌତିକ ବସ୍ତୁ ଏବଂ ପ୍ରଦ୍ୟୋଗିକ, ଯାହାକୁ ଆଜି ଆମେ ଉପଯୋଗ କରୁଛୁ, ଏଗୁଡିକ ୧୯୦୦ ମଧ୍ୟରେ ନଥିଲା ଅଥବା ସେହି ସମୟରେ ଖୁବ୍ କମ ଲୋକ ଏହାର ଉପଯୋଗ କରୁଥିଲେ । ତଥାପି ମାନବ ଜୀବନର ସଂଗଠନ ରୂପେ ଆମେ ୧୯୦୦ମସିହାର ଲୋକମାନଙ୍କ ସହିତ ଆମର ଅନେକ ସମାନତା ରହିଛି । ଏହି ଇଉନିଟ୍‌ରେ ଆମେ ଆଲୋଚନା କରିବା ୧୯୦୦ରେ ବିଶ୍ୱର ବିଭିନ୍ନ ଭାଗରେ ଥିବା ଲୋକମାନେ କିପରି ରହୁଥିଲେ ।

**ଉଦ୍ଦେଶ୍ୟ : ଏହି ପାଠର ଅଧ୍ୟୟନ କରିବାପରେ ତୁମେ**

- ୧୯୦୦ରେ ବିଶ୍ୱର ବିଭିନ୍ନ ଦେଶରେ ଜନ ସଂଖ୍ୟାର ଆକଳନ କରିପାରିବ ।
- ପୁଞ୍ଜିବାଦୀ ଔଦ୍ୟୋଗି କରଣକୁ ପରିଭାଷିତ କରିପାରିବେ ଏବଂ ଏହାର ସାମାଜିକ ପରିଣାମକୁ ବୁଝିପାରିବ;
- ଉପନିବେଶବାଦ ସମ୍ବନ୍ଧରେ ବାଖ୍ୟା କରିପାରିବ ।
- ଉର୍ଜା ତଥା ସଂସାଧନ ଉପଯୋଗକୁ ଆଧୁନିକ ଢ଼ାଞ୍ଚାର କଳ୍ପନା କରିପାରିବ ଏବଂ
- ଆଧୁନିକ ରାଜନୈତିକ ବିଚାରଧାରା ଏବଂ ସଂଗଠନଗୁଡିକର ଉଦ୍ୟମର ବିଶ୍ଳେଷଣ କରିପାରିବ ।


### ୨୧.୧ ବିଶ୍ୱ ଜନସଂଖ୍ୟାର ସଂରଚନା : ୧୯୦୦

ମାନବ ଜନସମୁଦାୟ, ଏହାର ବିକାଶକ୍ରମ ଏବଂ ଆବାସ ଗୁଡିକର ପରିବର୍ତ୍ତିତ ସ୍ୱରୂପର ଅଧ୍ୟୟନ ଜନସଂଖିକୀ କୁହାଯାଏ ।

ସନ ୧୯୦୦ରେ ମାନବ ଜନସଂଖ୍ୟା ପାଖାପାଖି ୧୫୯ କୋଟି ଥିଲା । ଆଜିର ସମୟ ଭଳି ସେହି ସମୟରେ ମଧ୍ୟ ଚୀନ ଓ ଭାରତ ସବୁଠାରୁ ଅଧିକ ଜନବହୁଳ ଦେଶ ଥିଲେ । ତଥାପି ଆଜି ଅପେକ୍ଷା ସନ ୧୯୦୦ରେ ବିଶ୍ୱର ଜନସଂଖ୍ୟାର ଅଳ୍ପଭାଗ ଏସିଆରେ ବସବାସ କରୁଥିଲେ । ସମଗ୍ର ବିଶ୍ୱର ଅଧିକ ସଂଖ୍ୟକ ଲୋକ ସନ ୧୯୦୦ରେ କୃଷକ ଭାବରେ ବସତି ସ୍ଥାପନ କରିଥିଲେ, ସେମାନେ ଉତ୍ପାଦନ କରୁଥିଲେ ଏବଂ ପଶୁପାଳନ କରୁଥିଲେ, ଯାଯାବର ଥିଲେ, ଗୋଚାରଣ କରାଉଥିଲେ ଏବଂ ଅଧିକାଂଶ ଆଦିବାସୀ ଶିକାରୀ ତଥା ଖାଦ୍ୟ ସଂଗ୍ରହକ ଥିଲେ । ଯଦିଚ ଶହ ଶହ ବର୍ଷ ପୂର୍ବ ତୁଳାନାରେ ସେମାନେ ୧୯୦୦ରେ ଅଳ୍ପ ସଂଖ୍ୟକ ଥିଲେ ।


ଟିପ୍ପଣୀ

ବିଶ୍ୱ ଜନସଂଖ୍ୟାର ଲଗାତାର ବର୍ଦ୍ଧିତ ଭାଗ ସହରରେ ବସବାସ କରୁଥିଲେ । ବିଶ୍ୱର କେତେକ ଭାଗରେ ପ୍ରାଚୀନ କାଳରୁ ସହର ମହଜୁତ ଥିଲା, ପରନ୍ତୁ ଏଗୁଡିକର ଆକାର ଓ ଜନ ସଂଖ୍ୟା ସୀମିତ ଥିଲା । ତଥାପି ପୁଞ୍ଜୀବାଦୀ ଔଦ୍ୟୋଗିକରଣ ଦ୍ୱାରା ଶହରୀକରଣ ହେଲା ଏବଂ ସହର ଜନସଂଖ୍ୟା କ୍ଷିପ୍ର ଗତିରେ ବୃଦ୍ଧି ହେଲା ।ସନ ୧୯୦୦ ପର୍ଯ୍ୟନ୍ତ ଇଉରୋପରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ସହରମାନଙ୍କର ସଂଖ୍ୟା ଅଧିକ ବୃଦ୍ଧି ହେଲା, ଶହେରୁ ଅଧିକ ସହରମାନଙ୍କରେ ଜନସଂଖ୍ୟା ଖୁବ୍‌କମ୍‌ରେ ୧୦୦୦୦୦ ଲୋକଙ୍କ ଜନସଂଖ୍ୟା ଥିଲା ଏବଂ ୬ଟି ଇଉରୋପୀୟ ସହରମାନଙ୍କରେ ଜନସଂଖ୍ୟା ହାରାହାରି ୧୦,୦୦,୦୦୦ ଲେଖାଏଁ ଥିଲା, ୟୁରୋପ ଏବଂ ଆମେରିକାରେ ସବୁଠାରୁ ବଡ ସହର ଥିଲା, ସେତେବେଳେ ଏସିଆ ତଥା ଆଫ୍ରିକାରେ ବୃହତ ଭୂ ଭାଗ ଥିଲା ଏବଂ ସହର ଥିଲା ଓ ଶହ ଶହ




ମାନଚିତ୍ର ୨୨.୧(କ) ବିଂଶ ଶଦାବ୍ଦୀ ପ୍ରାରମ୍ଭରେ ୟୁରୋପର ସହରୀକରଣ

ବର୍ଷ ତୁଳନାରେ ଏଗୁଡ଼ିକର ଅବକ୍ଷୟ ଘଟିଥିଲା । ସନ ୧୯୦୦ରେ ୟୁରୋପ ବ୍ୟତୀତ ଅନେକ ବଡ ସହର, ଯେପରି ସିଡନୀ ଏବଂ ଚିକାଗୋ ୧୦୦ ବା ୨୦୦ବର୍ଷ ପୁରୁଣା ଥିଲା ତଥା ଏଗୁଡ଼ିକରେ ଅଧିକାଂଶ ୟୁରୋପ ଭୂଭାଗର ଲୋକ ରହୁଥିଲେ । ବଙ୍ଗଳାର କଲକତା ଭଳି ସହର ବ୍ରିଟିଶ ଶାସନ ଅଧିନରେ ବିକଶିତ ହୋଇଥିଲା ।




ମାନଚିତ୍ର ୨୨.୧(ଖ) ବିଂଶ ଶତାବ୍ଦୀ ପ୍ରାରମ୍ଭରେ ୟୁରୋପର ସହରୀକରଣ

ଟିପ୍ପଣୀ

ସାମାନ୍ୟତଃ ସନ ୧୯୦୦ରେ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ୭୫-୯୫ ପ୍ରତିଶତ ଗ୍ରାମୀଣ ଥିଲେ ଅଥବା ଗ୍ରାମ ମାନଙ୍କରେ ରହୁଥିଲେ ଏବଂ କୃଷି ଉପରେ ନିର୍ଭର ଥିଲେ । ଔଦ୍ୟୋଗୀକୃତ ଇଉରୋପ ଅଥବା ଆମେରିକା ଏବଂ ଅଷ୍ଟ୍ରେଲିଆ, ଯେଉଁଠାରେ ଇଉରୋପୀୟ ଭୂଖଣ୍ଡର ଲୋକମାନେ ବସବାସ କରୁଥିଲେ, ସେମାନେ ପ୍ରତ୍ୟକ୍ଷ ପୂର୍ବରୁ ସହରୀ ହୋଇସାରିଥିଲେ ଅଥବା ସେମାନଙ୍କର ପାଖାପାଖି ୫୦ପ୍ରତିଶତ ଜନସଂଖ୍ୟା ସହରୀ ଥିଲେ ଅର୍ଥାତ୍ ସେମାନେ ନଗର ଓ ସହରରେ ରହୁଥିଲେ ।

## ୨୨.୨ ଔଦ୍ୟୋଗିକରଣ ଓ ସାମାଜିକ ବର୍ଗ

ଧାତବ ଉତ୍ପାଦନ ଏବଂ ବ୍ୟବହୃତ ଦ୍ରବ୍ୟଗୁଡିକର କ୍ଷୀପ୍ର ଉତ୍ପାଦନ ନିମିତ୍ତ ଯନ୍ତ୍ରପାତି ଚଳାଇବାପାଇଁ ଉର୍ଜା ଥିବା ସ୍ଥାନରେ ବହୁସଂଖ୍ୟକ ଶ୍ରମିକଙ୍କୁ ,ଜକୁଟକରି ୧୭୦୦ ପରେ ପଶ୍ଚିମ ଇଉରୋପରେ ଔଦ୍ୟୋଗିକ ପ୍ରକ୍ରିୟା ଆରମ୍ଭ ହେଲା । ୧୯୦୦ ବେଳକୁ ଯେତେବେଳେ ବ୍ୟାପକ ଭାବରେ ଉଦ୍ୟୋଗ ଚଳାଇବାପାଇଁ ବହୁ ଧନରାଶିର ଆବଶ୍ୟକତା ପ୍ରାରମ୍ଭ ହେଲା, ସେତେବେଳେ ପୁଞ୍ଜିବାଦୀ ଔଦ୍ୟୋଗିକରଣର ବିକାଶ ହେଲା । ପୁଞ୍ଜିବାଦ କ୍ୟାପିଟାଲ ଶବ୍ଦରୁ ଉତ୍ପନ୍ନ ହୋଇଅଛି ଯାହାର ଅର୍ଥ ସଂଚିତ ଧନ ଓ ସମ୍ପତ୍ତି ଅଟେ ଏବଂ ଯାହା ପାଖରେ ପୁଞ୍ଜି ରହିଛି ସେମାନଙ୍କୁ ପୁଞ୍ଜିପତି କୁହାଯାଏ । ପୁଞ୍ଜିପତି ମାନଙ୍କର ସିଧା ସମ୍ପର୍କ ଔଦ୍ୟୋଗିକ ଉତ୍ପାଦନ ବ୍ୟାପାର ପ୍ରଶାସନ ଏବଂ ବ୍ୟାଙ୍କ ସହିତ ରହିଥିଲା । ସନ ୧୯୦୦ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ୟୁରୋପ, ଆମେରିକା ଏବଂ ଅଷ୍ଟ୍ରେଲିଆରେ ପୁଞ୍ଜିବାଦୀ ଔଦ୍ୟୋଗିକରଣ ପରିବ୍ୟାପ୍ତ ହୋଇଗଲା ।

ପୁଞ୍ଜିପତୀମାନେ ଏହି ଧନ ଏବଂ ସମ୍ପତ୍ତି ବ୍ୟାପାର ଏବଂ ବାଣିଜ୍ୟ ତଥା ଛୋଟ ଛୋଟ ମାଲିକମାନଙ୍କର ସମ୍ପତ୍ତି ହରଣ ପୂର୍ବକ ପ୍ରାପ୍ତ ହୋଇଥିଲେ । ଦ୍ୱିତୀୟରେ କାରଖାନାରେ କାମ କରିଥିବା ପୁରୁଷ, ମହିଳା ଓ ବାଳକମାନେ ଥିଲେ ଯେଉଁମାନଙ୍କ ପାଖରେ କୌଣସି ସମ୍ପତ୍ତି ନଥିଲା ଏବଂ ସେମାନେ ସେମାନଙ୍କର ଜୀବିକା ନିର୍ବାହ ନିମିତ୍ତ ନିଜ ନିଜର ଶ୍ରମ ଉପରେ ନିର୍ଭର କରୁଥିଲେ, ଯେଉଁଥିପାଇଁ ସେମାନେ ମଜୁରୀ ପାଉଥିଲେ । ୧୯୦୦ରେ ସେହି ମଜୁରୀ ପାଉଥିବା ସଂଖ୍ୟା ଅଧିକ ଥିଲା, ଯେଉଁମାନଙ୍କ ପାଖରେ ଅର୍ଥର ଅଭାବ ନଥିଲା; ତଥାପି ସେମାନଙ୍କୁ ଧନୀ କୁହାଯାଉନଥିଲା, ସେମାନଙ୍କ ମଧ୍ୟରୁ କେତେକ ବେତନ ଭୋଗୀ ମଧ୍ୟମବର୍ଗର ଲୋକଥିଲେ, ଯେମିତି ଅଧ୍ୟାପକ, ଡାକ୍ତର, ଇଂଜିନିୟର, କିରାଣୀ ତଥା ଅନ୍ୟ ସେବାରେ ସମ୍ବନ୍ଧ ରଖିବା ଲୋକ ।

ସେହି ସମୟରେ ଅନେକ ଲୋକ ମାନୁଥିଲେକି ଏପରି ବର୍ଗର ହେବା ଏକ ସାମାନ୍ୟ କଥା ତଥା ସେମାନେ ସର୍ବଦା ରହିବେ ଏବଂ ଅଧିକତର ଲୋକ ଏହି ଅସମାନତାକୁ ସେପର୍ଯ୍ୟନ୍ତ ସ୍ୱିକାର କରୁଥିବେ, ଯେତେଦିନ ପର୍ଯ୍ୟନ୍ତ ସେମାନଙ୍କର ସ୍ଥିତିରେ ସୁଧାର ହୋଇନଥିବ, ସେମାନେ ଦେଖିଥିଲେ ବା ଉପନିବେଶରେ ଧନର ହସ୍ତାନ୍ତିକରଣ ହେବା ଫଳରେ ଇଉରୋପ ଦେଶମାନଙ୍କରେ ମଧ୍ୟ କାର୍ଯ୍ୟ କରିବା ଲୋକଙ୍କର କେତେକ ଲାଭ ହେଉଥିଲା । ୧୯୦୦ ପର୍ଯ୍ୟନ୍ତ ଏଭଳି ଘଟିଲା ଏବଂ ଅଧିକାଂଶ ଲୋକ ସେମାନଙ୍କର ପୂର୍ବପିଢ଼ି ଅପେକ୍ଷା ଭଲରେ କାଳାତିପାତ କରୁଥିଲେ । ମାତ୍ର ସେହିସମୟରେ ମଧ୍ୟ ବେକାରି ଭଳି କଠିନ ସମୟ ଦେଇ ପରିସ୍ଥିତି ଥିଲା ।

୧୯୦୦ ବେଳକୁ ବମ୍ବେ, ସାଂଘାଇ ଏବଂ ଡାକର ଭଳି ଏସିଆ ଓ ଆଫ୍ରିକା ନଗରୀ ଗୁଡିକରେ ବହୁ ସଂଖ୍ୟକ ବ୍ୟାପାରୀ, ଦୋକାନୀ ଏବଂ ଅନ୍ୟ ବର୍ଗର ମଧ୍ୟମବର୍ଗ ତଥା ଔଦ୍ୟୋଗିକ ଶ୍ରମଜୀବିମାନେ ରହୁଥିଲେ । ପାଖାପାଖି ପରିବେଷ୍ଟିତ ଗ୍ରାମମାନଙ୍କରେ ରହୁଥିବା ଭୂମ୍ୟାଧିକାରୀ, କୃଷକ ଏବଂ କୃଷିଶ୍ରମିଙ୍କ



ଟିପ୍ପଣୀ

ସଂଖ୍ୟା ଏଠାକାର ଜନସଂଖ୍ୟାକୁ ବଳିଯାଇଥିଲା ।

୧୯୦୦ରେ ପୁଞ୍ଜିବାଦୀ ସମାଜର ଅନ୍ୟ କେତେକ ବିଷୟ ସମ୍ବନ୍ଧରେ ମସ୍ତିଷ୍କରେ ଧାରଣକରିବାର ଗୁରୁତ୍ୱ ରହିଛି । ଇଉରୋପୀୟ ଅର୍ଥନୀତି ପାଇଁ ଅଧିକାଂଶ କଞ୍ଚାମାଲ ଏବଂ ବଜାର ଉପନିବେଶରୁ ଆସୁଥିଲା ଏବଂ ଏହି ସମ୍ପର୍କ ଏକ ଅସମତତା ଉପରେ ପର୍ଯ୍ୟବେଶିତ ଥିଲା । ଏହା ଏକ ବାଣିଜ୍ୟିକ ସମତା ସମ୍ପର୍କ ନଥିଲା । ଇଉରୋପୀୟ ସମାଜରେ ଭୂମ୍ୟାଧିକାରୀମାନେ ପ୍ରତିପତ୍ତିଶାଳୀ ହୋଇ ରହିନଥିଲେ ।

## ୨୨.୩ ସହରୀ ବିଚାରଧାରା ଓ ଜ୍ଞାନ :

ଔଦ୍ୟୋଗୀକରଣର ଅନ୍ୟ ଏକ ବିଶେଷତା ହେଲା ଉତ୍ପାଦନ ଏବଂ ସମାଜରେ ଜ୍ଞାନର ଅଭିବୃଦ୍ଧି ଏବଂ ଆଦାନ ପ୍ରଦାନ ଫଳରେ ସମାଜ ପୂର୍ବାପେକ୍ଷା ସହରୀ ଜୀବନରେ ଅଧିକ ନିକଟତର ହୋଇଯାଇ ଅଛନ୍ତି । ସହର ଓ ନଗର ମାନଙ୍କରେ କେବଳ ଔଦ୍ୟୋଗିକ ମଜୁରିଆ ମାନଙ୍କର କେନ୍ଦ୍ରୀଭୂତ ହୋଇନଥିଲା । ସେଠାରେ ମଧ୍ୟ ଶିକ୍ଷା ଓ ସାକ୍ଷରତାରେ ନିୟୋଜିତ ଲୋକମାନଙ୍କ ସହିତ ତଥା ସେମାନେ ଥିଲେ କିରାଣୀ, ମ୍ୟାନେଜର, ଶିକ୍ଷକ ଓ ସରକାରୀ ଅଧିକାରୀ ମାନଙ୍କର ବର୍ଦ୍ଧିତ ସଂଖ୍ୟା କେନ୍ଦ୍ରୀଭୂତ ହୋଇଥିଲେ । ଖୁବ୍ ଶୀଘ୍ର ଏହି କଥା ସ୍ୱୀକାର କରାଗଲା ଯେ ପଢ଼ା ଲେଖା ଓ ହିସାବ-କିତାବ ଜାଣିଥିବା ଔଦ୍ୟୋଗିକ କର୍ମଚାରୀମାନଙ୍କର ଅତ୍ୟଧିକ କର୍ମକୁଶଳତା ପ୍ରଦାନ କରୁଥିଲା । ସମାଚାରପତ୍ର ଓ ପତ୍ରିକା ଗୁଡିକର ଏଥିରେ ଅବଦାନ କଲେ । ୧୯୦୦ରେ ଲଣ୍ଡନ, ପ୍ୟାରିସ, ବର୍ଲିନ ଓ ନ୍ୟୁୟର୍କ ଭଳି ସହରମାନଙ୍କରେ ପ୍ରତିଦିନ ଲକ୍ଷାଧିକ ସଂଖ୍ୟା ତଥା ସମ୍ବାଦପତ୍ର ତଥା ପତ୍ରିକା ଛାପିବାରେ ଲାଗିଲା ।

୧୯୦୦ ପର୍ଯ୍ୟନ୍ତ ଔଦ୍ୟୋଗିକ ସମାଜ ନିମିତ୍ତ ଏହା ଆବଶ୍ୟକତା ହୋଇଗଲା ଯେ ବାଳକ ଓ ବାଳିକା ଖୁବ୍‌କମ୍‌ରେ ତେର ଅଥବା ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କରିବେ । ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ କାର୍ଯ୍ୟ ଏକ ଆଧୁନିକ ବ୍ୟବସାୟ ହୋଇଗଲା, ସେଠାରେ ମହିଳାମାନଙ୍କର ସଂଖ୍ୟା ଅଧିକ ଥିଲା । ଏଥିରେ ସହରୀ ଏବଂ ଗ୍ରାମୀଣ ଲୋକମାନଙ୍କ ମଧ୍ୟରେ ଜ୍ଞାନ ଓ ସଂସ୍କୃତିର ବ୍ୟବଧାନ ଆସିଗଲା । ୧୯୦୦ ପର୍ଯ୍ୟନ୍ତ କେତେକ ପାଶ୍ଚାତ୍ୟ ସମାଜରେ ପୌଢ଼ ସାକ୍ଷରତା ଶାଠିଏ ପ୍ରତିଶତରୁ ଓ ନବେ ପ୍ରତିଶତ ମଧ୍ୟରେ ଥିଲା, ଯେତେବେଳେ ଅଣ ପାଶ୍ଚାତ୍ୟ ସମାଜରେ ଏହାର ପ୍ରତିଶତ ବହୁତ କମ ଥିଲା ।

## ପାଠଗତ ପ୍ରଶ୍ନ ୨୨.୧ :

୧. ୧୯୦୦ରେ ଇଉରୋପର ବାହାରେଥିବା ଜନସମୁଦାୟର କେତେ ଭାଗ ଗ୍ରାମମାନଙ୍କରେ ରହୁଥିଲେ ?

.....................................................................................

୨. ୧୯୦୦ରେ ବିଶ୍ୱର ଅଧିକାଂଶ ସହର (୧୦,୦୦,୦୦୦)ରୁ ଅଧିକ ଲୋକ ଇଉରୋପରେ ଥିଲେ ଅଥବା ଏହାଠାରୁ ବାହାରେ ?

.....................................................................................

ଟିପ୍ପଣୀ

୩. ୧୯୦୦ ପର୍ଯ୍ୟନ୍ତ ସହରୀ କେନ୍ଦ୍ର ଓ ଗ୍ରାମ କ୍ଷେତ୍ରରେ ସ୍ୱାକ୍ଷରତା ବ୍ୟବଧାନ କାହିଁକି ଥିଲା ?

.........................................................................................

୪. ୧୯୦୦ରେ ବିଶ୍ୱରେ ଉଚ୍ଚ ସ୍ୱାକ୍ଷରତାର କ'ଣ ସଂକେତ ଥିଲା ?

.........................................................................................

## ୨୨.୪. ଉର୍ଜା ଓ ସଂସାଧନ ଉପଯୋଗ : ବିଶ୍ୱର ଔଦ୍ୟୋଗିକ ବନାମ ଅଣ ଔଦ୍ୟୋଗିକ କ୍ଷେତ୍ର

୧୯୦୦ରେ ଔଦ୍ୟୋଗୀକୃତ ଓ ଅଣ-ଅଦୌଗୀକୃତ ବିଶ୍ୱରେ ଲୋକମାନେ କେବଳ ବିଭିନ୍ନ ବସ୍ତୁଗୁଡିକର ଉତ୍ପାଦନ କରିନଥିଲେ, ପରନ୍ତୁ ସେମାନେ ଉର୍ଜାର ଉପଯୋଗ ଭିନ୍ନ ପଦ୍ଧତିରେ ବିକଶିତ କରିଥିଲେ । ୧୯୦୦ରେ ଅଣ-ଔଦ୍ୟୋର୍ଗୀକୃତ ବିଶ୍ୱର ଅଧିକରୁ ଅଧିକ ଉତ୍ପାଦନ ମାନବ ତଥା ପଶୁ ଶକ୍ତିରେ କରାଯାଇଥିଲା । ଏପରିକି ଆମେରୀକାର କ୍ଷେତରେ ଲଙ୍ଗଳ ଓ ଯନ୍ତ୍ରଚାଳିତ ଅମଳ ଯନ୍ତ୍ରମାନ ଘୋଡାଦ୍ୱାରା ଚାଳିତ ହେଉଥିଲା, ଯେପରି ଭାବରେ ନଗରମାନଙ୍କରେ ଠେଲାଗାଡି ଏବଂ ବସ୍ ଚଳା ହେଉଥିଲା ।

ଔଦ୍ୟୋଗିକ ସମାଜର ନିଜ ନିଜର କଳକାରଖାନା ଚଳାଇବା, ଘର ଏବଂ କାର୍ଯ୍ୟାଳୟମାନଙ୍କୁ ଆଲୋକିତ କରିବା ଏବଂ ରେଲୱେ ଇଞ୍ଜିନ ଓ ଅଟୋମୋବାଇଲସ୍ ଇତ୍ୟାଦି ଆଧୁନିକ ପରିବହନକୁ ଶକ୍ତି ଯୋଗାଇବାପାଇଁ ନୂତନ ଉର୍ଜା ସ୍ରୋତର ଆବଶ୍ୟକତା ଥିଲା । ୧୯୦୦ରେ ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀରେ ସାଧାରଣତଃ କୋଇଲା ସମାଜକୁ ଶକ୍ତି ଯୋଗାଉଥିଲା; ସେତେବେଳେ ଇଟାଲୀ ହାଇଡ୍ରୋଇଲେକ୍ଟ୍ରିସିଟର ବ୍ୟବହାର ଆରମ୍ଭ କରିଥିଲା । ଆମେରିକା ପେଟ୍ରୋଲିୟମ ଇନ୍ଧନ ଉପରେ ଅଧିକ ଭରଷା କରିଥିଲା । ୧୯୧୫ ବେଳକୁ ଏହା ପରିଷ୍କାର ହୋଇଯାଇଥିଲା ଯେ ପରିବହନ ପାଇଁ କାର, ଘୋଡାର ସ୍ଥାନ ନେଇନେଇଥିଲା ।

ଏହି ଦେଶଗୁଡିକ ହୃଦୟଙ୍ଗମ କରିବାକୁ ଲାଗିଲେ ଯେ ସେମାନଙ୍କର ଅର୍ଥନୀତି ଏବଂ ରାଜନୈତିକ ବଳ ଉର୍ଜାର ଉତ୍ସ ଉପରେ ନିର୍ଭର କରୁଥିଲା ଏବଂ ସେମାନେ ସେମାନଙ୍କର ଉପନିବେଶରେ ଥିବା ସଂସାଧନକୁ ଶୋଷଣ କରିବା ଆରମ୍ଭ କରିଦେଇଥିଲେ । ଉଦାହରଣ ସ୍ୱରୂପ ବ୍ରିଟିଶମାନେ ଆସାମ ଏବଂ ବର୍ମାର ତେଲ ସଂଗ୍ରହ କରୁଥିଲେ । ଏହି କାର୍ଯ୍ୟ ହଲାଣ୍ଡର ଲୋକମାନେ ସୁମାତ୍ରାରେ ଏବଂ ଆମେରିକା ଲୋକମାନେ ମେକସିକୋରେ କରୁଥିଲେ । ଏହି ପରିସ୍ଥିତି ସେମାନଙ୍କର ବୈଦେଶିକ ନୀତିକୁ ନିର୍ଦ୍ଧାର୍ଯ୍ୟ କରୁଥିଲା ।

## ୨୨.୫ : ଉପନିବେଶବାଦ, ଆର୍ଥିକତାବାଦ ଓ ସାମାଜିକ ସମ୍ବନ୍ଧ :

୧୯୦୦ରେ ପଶ୍ଚିମ ବିଶ୍ୱର ଅନେକ ଔଦ୍ୟୋଗୀକୃତ ରାଷ୍ଟ୍ର ନିଜ ନିଜର ସୀମାଠାରୁ ଦୂର ରାଷ୍ଟ୍ରମାନଙ୍କ ଉପରେ ଶାସନ କରୁଥିଲେ ଅଥବା ସେମାନଙ୍କର ଆର୍ଥିକ ଅବସ୍ଥାକୁ ନିୟନ୍ତ୍ରିତ କରୁଥିଲେ । ଯେତେବେଳେ ଇଂଲଣ୍ଡ ଭାରତର ଅଧିକାଂଶ ଭାଗରେ ଶାସନ କରୁଥିଲେ ସେତେବେଳେ ହଲାଣ୍ଡ ସମଗ୍ର ଇଣ୍ଡୋନେସିଆ କ୍ଷେତ୍ରରେ ଶାସନ କରୁଥିଲେ। ଫ୍ରାନ୍ସ, ବ୍ରିଟେନ, ଜର୍ମାନୀ, ଇଟାଲୀ, ପର୍ତ୍ତୁଗାଲ୍ ଏବଂ ବେଲଜିୟମର ଦେଶଗୁଡ଼ିକ ଆଫ୍ରିକା, ଜାପାନ ଓ ଚୀନ୍ ଦେଶମାନଙ୍କରେ ଉପନିବେଶ ଥିଲା ।





ଏହି ଉପନିବେଶଗୁଡ଼ିକର ଶାସକମାନେ ଏସିଆ ଏବଂ ଆଫ୍ରିକାକୁ ନବୀନତ୍ତମ ଔଦ୍ୟୋଗ୍ୟ ହାସଲ କରିବାରୁ ବଞ୍ଚିତ କରୁଥିଲେ । ସେମାନେ ସେମାନଙ୍କର ଉପନିବେଶରେ ସାବଧାନ ପୂର୍ବକ ରେଲୱେ ଏବଂ ଟେଲିଫୋନ୍‌କୁ ନିଜ ଅକ୍ତିଆରରେ ରଖିଥିଲେ । ସ୍ୱତନ୍ତ୍ରତା ଇଚ୍ଛା କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର ପଦକ୍ଷେପ ନେଉଥିଲେ । ସେମାନେ ପ୍ରଶାସନରେ ପୂର୍ବରୁ ଉପଯୋଗ ହୋଇଥିବା ଭାଷା ପରିବର୍ତ୍ତେ ନିଜର ଭାଷା ଲାଗୁ କରିଥିଲେ । ସେମାନେ ବିଦେଶୀ ଶାସନରେ ଔପନିବେଶିକ ସମାଜର କିଛି ଭାଗକୁ ସମ୍ମଳିତ କରିବା ଉଦ୍ଦେଶ୍ୟରେ କେତେକ ଶିକ୍ଷାନୀତି ପ୍ରାରମ୍ଭ କଲେ । ସେମାନେ ନିମ୍ନତ୍ତର ସ୍ତରରେ ଔପନିବେଶିକ ପ୍ରଶାସନ ପରିଚାଳନା ପାଇଁ ସେମାନଙ୍କର ଉପନିବେଶରେ କିଛି ଲୋକଙ୍କୁ ପ୍ରସ୍ତୁତ କଲେ । ସେମାନେ ବିଭାଜନ ଏବଂ ଶାସନ ରାଜନୀତକୁ ଆପଣେଇଲେ । ଆଧୁନିକ ଆର୍ଥିକ କାର୍ଯ୍ୟକଳାପର ବିକାଶକୁ ବାଧା ଦେଲେ । ଶିକ୍ଷା ମାଧ୍ୟମରେ ଔପନିବେଶିକ ଭାଷା ଓ ସ୍ଥାନୀୟ ଭାଷା ବ୍ୟବହାର କରୁଥିବା ଶିକ୍ଷିତମାନଙ୍କ ମଧ୍ୟରେ ଏକ ସାମାଜିକ ପ୍ରଭେଦ ସୃଷ୍ଟି କରିବାପାଇଁ କାର୍ଯ୍ୟକଲେ ।

ଉପନିବେଶବାଦର ପ୍ରଭାବ ଏବଂ ପୁଞ୍ଜିବାଦର ପ୍ରବେଶ ଉପନିବେଶମାନଙ୍କରେ ସାମାଜିକ ସମ୍ବନ୍ଧକୁ ବଦଳାଇଦେଲା । ସେମାନେ ବାଣିଜ୍ୟର ବିକାଶପାଇଁ କୃଷିର ଧାରାକୁ ଅର୍ଥକାରୀ ଫସଲ ଉତ୍ପାଦନକୁ ବଦଳାଇ ଦେଲେ । ଏପରି ଉତ୍ପାନ ଜନିତ କୃଷି ପ୍ରଣାଳୀର ପରିବର୍ତ୍ତନ ଉନବିଂଶ ଶତାବ୍ଦି ଏବଂ ବିଂଶ ଶତାବ୍ଦି ପ୍ରାରମ୍ଭରେ ଅଣାଗଲା । ଉଦାହରଣସ୍ୱରୂପ ଭାରତୀୟ ରୟତ ଅଫିମ ଉତ୍ପାଦନ କଲେ ଏବଂ ଏହାକୁ ବିଟ୍ରିଶ ବେପାରୀମାନେ ଚୀନକୁ ରପ୍ତାନି କରୁଥିଲେ । ଭାରତୀୟ ବଣିକମାନେ ମଧ୍ୟ ଏଥିରେ ସେମାନଙ୍କର ଯୋଗଦାନ ଦେଇଥଲେ । ଅନ୍ୟ ଶବ୍ଦରେ ଉଭୟ ଉତ୍ପାଦନ ଏବଂ ବ୍ୟାପାର କ୍ଷମତାସିନ ଶାସନର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଥିଲା । ଫଳରେ ପୃଥିବୀର ଅନେକ ସଂଖ୍ୟକ ଲୋକ ନିଜେ ଭୋଗ କରୁନଥିବା ପଦାର୍ଥକୁ ଉତ୍ପାଦନ କରୁଥିଲେ, ଯେତେବେଳେ ସେମାନେ ଅନ୍ୟ ଅଞ୍ଚଳରେ ଉତ୍ପାଦିତ ହେଉଥିବା ଦ୍ରବ୍ୟର ବ୍ୟବହାର କରୁଥିଲେ ।

ଏପରି ବାଣିଜ୍ୟିକ ବ୍ୟବସ୍ଥା ପାରସ୍ପରିକ ନିର୍ଭରଶୀଳତା ସୃଷ୍ଟି କରୁଥିଲା ତଥା ଶାସକ ଶକ୍ତିର ପ୍ରଭାବ ଯୋଗୁଁ ନିର୍ଭରଶୀଳତାର ବୃଦ୍ଧି ଘଟୁଥିଲା । ଅନେକ ପ୍ରାନ୍ତରରେ କୃଷକ ପର୍ଯ୍ୟାପ୍ତ ମାତ୍ରାରେ ଖାଦ୍ୟ ପଦାର୍ଥ ଉତ୍ପାଦନ କରିପାରୁନଥିଲେ ଏବଂ ଏହାର ପରିଣାମ ସ୍ୱରୂପ ଉନବିଂଶ ଶତାବ୍ଦିର ଶେଷରେ ଆସିଥିବା ଦୁର୍ଭିକ୍ଷ କାରଣରୁ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କଲେ, ଯଦିଚ ସାରା ବିଶ୍ୱରେ ସାମଗ୍ରୀକ ଖାଦ୍ୟ ଉତ୍ପାଦନ ପୂର୍ବାପେକ୍ଷା ଅଧିକ ହେଲା ।

## ପାଠଗତ ପ୍ରଶ୍ନ - ୨୨.୨

୧. ୧୯୦୦ରେ କେଉଁ ଦେଶ, ଜୀବାଶ୍ମ ଇନ୍ଧନର ଉପଯୋଗ କରିବା ପ୍ରାରମ୍ଭ କଲା ?

........................................................................

୨. ୧୯୦୦ରେ ଏପରି ଜାଳେଣି ଯୋଗାଣ କେଉଁ ସ୍ଥିତିରେ ଥିଲା ?

........................................................................

୩. କ'ଣ ୧୯୦୦ରେ ମହାଶକ୍ତିମାନଙ୍କର ଉପନିବେଶମାନଙ୍କ ନିମିତ୍ତ ଅନ୍ତରାଷ୍ଟ୍ରିୟ ବାଣିଜ୍ୟରେ ଲାଭ ଥିଲା ?

........................................................................



ଟିପ୍ପଣୀ



୪. ଉନବିଂଶ ଶତାବ୍ଦିର ଶେଷରେ ଯେତେବେଳେ ବିଶ୍ୱରେ ସମୁଦାୟ ଖାଦ୍ୟ ଯୋଗାଣରେ କ୍ଷିପ୍ର ବୃଦ୍ଧି ହେଲା, ଅନେକ ଲୋକମାନଙ୍କର ଖାଦ୍ୟ ସୁରକ୍ଷା ସମାପ୍ତ ହୋଇଗଲା । କାହିଁକି ?

.................................................................................................

୫. ଭାଷାର ଉପଯୋଗ ତଥା ଶିକ୍ଷାରେ ପ୍ରବେଶ କିପରି ଔପନିବେଶିକ ଶାସନର ସମ୍ବନ୍ଧ କ'ଣ ଥିଲା ?

.................................................................................................

## ୨୨.୬. ବିକଶିତ ଏବଂ ଅବିକଶିତ ରାଷ୍ଟ୍ରମାନଙ୍କରେ ବିଚାରଧାରା ଏବଂ ରାଜନୀତିର ଗତିଶୀଳତା :

୧୯୦୦ ମସିହାର ପୃଥିବୀରେ ଚିନ୍ତାଧାରା ଓ ପରସ୍ପର ପ୍ରତିଦ୍ୱନ୍ଦି ବିଚାରଧାରା ଅଥବା ଜୀବନ ଏବଂ ସାମାଜିକ ସଂଗଠନ ବିଷୟରେ କେତେକ ନିର୍ଦ୍ଦିଷ୍ଟ ରାଜନୈତିକ ଚିନ୍ତାଧାରା ର ବିକାଶ ଦେଖାଯାଇଥିଲା । ବୃହତ୍ତର କ୍ଷେତ୍ରରେ ଏହି ଔଦ୍ୟୋଗିକରଣ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ସହିତ ଜଡିତ ଥିଲା । ମୁଦ୍ରଣ ସଂସ୍କୃତି ଏବଂ ସଂଚାରର ଅନ୍ୟ ସାଧନର ଆଗମନରେ ଏହି ତର୍କର ବ୍ୟାପକ ବିସ୍ତାର ହେଲା ତଥା ଜନତା ଏବଂ ସଂଗଠନ ବିଭିନ୍ନ ବିଚାରଧାରା ଗୁଡିକ ଅନୁସରଣ କରିବାକୁ ଲାଗିଲେ । ୧୯୦୦ ପର୍ଯ୍ୟନ୍ତ ପାଶ୍ଚାତ୍ୟ ରାଷ୍ଟ୍ର ତଥା ଅନ୍ୟ କେତେକ ଉପନିବେଶରେ ପ୍ରିଣ୍ଟିଂ ମିଡିଆ, ଅନେକ ଲୋକଙ୍କର (ଉତ୍ପାଦନ ଓ ସେବାରେ ବିଜ୍ଞାପନ) ସୂଚନା ଉପଲବ୍ଧ ସହିତ ଏହାର ରାଜନୈତିକ ବିଚାରଗୁଡିକୁ ମୂର୍ତ୍ତିମନ୍ତ ରୂପ ଦେଉଥିଲା ।

**ଉଦାରବାଦ :**

ସମସ୍ତ ବିଚାର ସ୍ୱରୂପ ଉଦାରବାଦର ଉଦୟ ତିନିଶହବର୍ଷ ପୂର୍ବରୁ ଏପରି ସମୟରେ ହୋଇଥିଲା, ଯେତେବେଳେ କୁଳୀନ ଲୋକ ଏବଂ ବଡ ବଡ ସମ୍ପତ୍ତିର ମାଲିକ (କେବେ କେବେ ଗରୀବ ଲୋକମାନେ ମଧ୍ୟ ଏଥିରେ ସମ୍ମିଳିତ ହେଉଥିଲେ) ଶାସକଙ୍କର ଅଧିକାରକୁ ନିର୍ଦ୍ଧାରିତ ଅଥବା ସୀମିତ କରିବାପାଇଁ ସଂଘର୍ଷରତ ଥିଲେ । ଉଦାରବାଦିମାନେ ବିଶ୍ୱାସ କରୁଥିଲେ ଯେ କେବଳ ବ୍ୟକ୍ତିବିଶେଷ କେବଳ ନୈଶର୍ଗିକ ଅଧିକାର ଥିଲା, ଯେଉଁଥିରେ ଉତ୍ପିଡନ ବିରୋଧ ଅଧିକାର, ସମ୍ପତ୍ତି ସଂଚୟ କରିବା, ଧାର୍ମିକ ସ୍ୱତନ୍ତ୍ରତା, ନିଜ ନିଜର ବିଚାରକୁ ସ୍ୱତନ୍ତ୍ରତାପୂର୍ବକ ବ୍ୟକ୍ତ କରିବାର ଅଧିକାର ଏବଂ ଏପରି ଅନେକ କିଛି ସାମିଲ ହୋଇଥିଲା । ସେମାନେ ବିଶ୍ୱାସ କରୁଥିଲେ ଯେ ସରକାର ଏବଂ ଶାସକମାନେ ଏହି ଅଧିକାର ଗୁଡିକୁ ସମ୍ମାନଦେବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ । ସେମାନେ ଭାବୁଥିଲେ ସରକାରୀ ଆଇନ ପ୍ରଣୟନ ଏବଂ ସମ୍ବିଧାନ ଏହି ଅଧିକାରଗୁଡିକର ସୃଷ୍ଟି ଏବଂ କାର୍ଯ୍ୟକାରୀ କରିବାର ସର୍ବୋତ୍ତମ ଉପାୟ ଥିଲା । ସେହି ଆଇନ ଏବଂ ସମ୍ବିଧାନ ଶାସକ ଏବଂ ସରକାରୀତନ୍ତ୍ର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ନିରୁଙ୍କୁଶ କ୍ଷମତା ବିରୁଦ୍ଧରେ ସର୍ବୋତ୍ତମ ପ୍ରତିରକ୍ଷା ଥିଲା । ସେମାନେ ମଧ୍ୟ ରାଷ୍ଟ୍ରିୟ ଗୀର୍ଜା ମାଧ୍ୟମରେ ଲୋକଙ୍କ ଧାର୍ମିକ ବିଶ୍ୱାସ ଉପରେ ସରକାରୀ ନିର୍ଦ୍ଦେଶ ଦେଉଥିବା ବ୍ୟବସ୍ଥାକୁ ବିରୋଧ କରୁଥିଲେ; କାରଣ ଧର୍ମ ଏକ ଘରୋଇ ମାମଲା ଥିଲା । ଜନ ଆନ୍ଦୋଳନ ବିକାଶ ସହିତ ଉଦାରବାଦ କେବଳ ଧନଶାଳୀ ବ୍ୟକ୍ତି ନୁହନ୍ତି, ସମାଜର ସମସ୍ତ ବର୍ଗର ଲୋକଙ୍କୁ

ରାଜନୈତିକ ତଥା ନାଗରିକ ଅଧିକାରର ପ୍ରଦାନ କରିଥିଲା । ଏହାର ସାଂଗଠନିକ ଅଧିକାର ଓ ନିର୍ବାଚନରେ ସାମିଲ ହେଲା ଅଧିକାର ଅନ୍ତର୍ଭୁକ୍ତ ହୋଇଥିଲା ।

ଉଦାରବାଦ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅର୍ଥନୈତିକ ବିଚାରଧାରା ସହିତ ସଂଯୁକ୍ତ ଥିଲା । ଉଦାରବାଦୀ ଉତ୍ପାଦକ ତଥା ବସ୍ତୁ ଓ ସେବାର ଉପଭୋକ୍ତା ଭାବରେ ମନୁଷ୍ୟକୁ ଆର୍ଥିକ ପ୍ରତିନିଧି ହିସାବରେ ଦେଖୁଥିଲେ । ସେମାନେ ଏଗୁଡିକୁ ସେମାନଙ୍କର ବ୍ୟକ୍ତିତ୍ୱ ଓ ବ୍ୟକ୍ତିର ସ୍ୱ ଅଭିବ୍ୟକ୍ତି ରୂପେ ମହତ୍ୱପୂର୍ଣ୍ଣ ଦୃଷ୍ଟିକୋଣରୁ ବିଚାର କରୁଥିଲେ । ମାତ୍ର ସେମାନଙ୍କ ଦୃଷ୍ଟିଭଙ୍ଗିରେ ଏମାନେ ଶ୍ରମିକ ନଥିଲେ, ସେମାନେ ଥିଲେ ଲାଭଖୋର ବେପାରୀ, ଦୋକାନୀ ଏବଂ ବିନିର୍ମାତା ଯେଉଁମାନେ ଥିଲେ ମୁଖ୍ୟ ନାୟକ । ପ୍ରମୁଖ ମୁଖପାତ୍ରଙ୍କ ମଧ୍ୟରୁ ଅର୍ଥନୈତିକ ଉଦାରିକରଣର ଅନ୍ୟତମ ପ୍ରବକ୍ତା ଆଡାମସ୍ମିଥ ଯୁକ୍ତି ରଖିଥିଲେ ଯେ ବ୍ୟକ୍ତି ଯଦି ନିଜସ୍ୱ ସ୍ୱାର୍ଥ ପାଇଁ ଅନୁମଦିତ ହୁଏ, ତାହା ସେ ସାଧାରଣ ହିତରେ ସାହାଯ୍ୟ କରିଥାଏ । ଆର୍ଥିକ ଗତିବିଧି ଯଦି ଏହାର ନିଜସ୍ୱ କୃତ ଯୋଗାଣ ଓ ଚାହିଦା ପର୍ଯ୍ୟାୟ ମଧ୍ୟରେ ଛାଡି ଦିଆଯାଏ, ଏହା ସମାଜର ନ୍ୟାୟ ଆଡକୁ ଅଗ୍ରସର ହୋଇଥାଏ । ସେମାନେ ମୁକ୍ତ ବାଣିଜ୍ୟ ସପକ୍ଷରେ ଯୁକ୍ତି ବାଢ଼ିଲେ । ତେଣୁ ଅର୍ଥନୈତିକ ବ୍ୟବସ୍ଥା ପାଇଁ ସେହି ସରକାର ସର୍ବୋତ୍ତମ, ଯିଏ କମ ଶାସନ କରେ ଏବଂ ସମସ୍ତ ବିଷୟ ବଜାର ପରିଚାଳନାକୁ ଛାଡିଦେଇଥାଏ ।

୧୯୦୦ ବେଳକୁ ଅନେକ ଉଦାରବାଦି ବିଚାର କରିବାକୁ ଲାଗିଲେ ଯେ ସମାଜର ଦାରିଦ୍ର ଶ୍ରେଣୀ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି କେତେକ ଜନମଙ୍ଗଳ ପଦକ୍ଷେପ ପ୍ରାରମ୍ଭ ପୂର୍ବକ ସରକାର ଏକ ସର୍ବନିମ୍ନ ଢ଼ଙ୍ଗରେ ହସ୍ତକ୍ଷେପ କରିବା ଉଚିତ । ମାତ୍ର ସେମାନଙ୍କର ମୌଳିକ ଚିନ୍ତାଧାରା ଆଜିପର୍ଯ୍ୟନ୍ତ ପୂର୍ବବତ ରହିଅଛି । ସେମାନେ ପ୍ରମୁଖ ଭାବରେ ଧନଶାଳୀ ବ୍ୟକ୍ତିମାନଙ୍କର ସାର୍ଥକୁ ପ୍ରତିନିଧିତ୍ୱ କରୁଥିଲେ । ଉଦାରବାଦୀମାନେ ପେସାଦାର ଏବଂ ଶିକ୍ଷିତ ବ୍ୟକ୍ତି ମାନଙ୍କଠାରୁ ସମର୍ଥନ ଲାଭ କରୁଥିଲେ । ସେମାନେ ଗତାନୁଗତିକ ତଥା ମନମୁଖି ବ୍ୟବସ୍ଥାରେ ଅସନ୍ତୁଷ୍ଟ ଥିଲେ ଯାହା ନିଜର ଜନ୍ମ, ବ୍ୟାପାର, ପୁଞ୍ଜିବାଦପାଇଁ ବିଶେଷ ସୁବିଧାମାନ ସୁରକ୍ଷିତ କରୁଥିଲେ । ସେମାନେ ମଧ୍ୟ ଅନେକ କାର୍ଯ୍ୟରତ ଜନତାଙ୍କ ସମର୍ଥନ ଲାଭ କରିଥିଲେ, ଯେଉଁମାନେ ସମ୍ବିଧାନ ଓ ବ୍ୟକ୍ତି ଅଧିକାର ସପକ୍ଷରେ ସେମାନଙ୍କ ଯୁକ୍ତିକୁ ପସନ୍ଦ କରୁଥିଲେ, ମାତ୍ର ବୁଝି ନଥିଲେ ଯେ ସେମାନେ କେବେବି ଅର୍ଥନୈତିକ ସମତା କିମ୍ବା ଶ୍ରମିକ ଶ୍ରେଣୀର ଅର୍ଥନୈତିକ ଅଧିକାରପାଇଁ ଆଦୌ ଆଗ୍ରହୀ ଥିଲେ ।

**ରକ୍ଷଣଶୀଳତା :**

ରକ୍ଷଣଶୀଳମାନେ ମୁଖ୍ୟତଃ ଭୂମ୍ୟାଧିକାରୀ ଏବଂ ସମାଜର ଅନ୍ୟାନ୍ୟ ଶ୍ରେଣୀରୁ ଆସିଥିଲେ । ସେମାନେ ଚାହୁଁନଥିଲେ ଯେ ବିଶେଷ ଅଧିକାର ଉଚ୍ଛେଦ ଏବଂ ସଂକୋଚନ, ସେମାନଙ୍କୁ ଲାଭାନ୍ୱିତ କରିବ ସେମାନେ ସମସ୍ତେ ଜମିଦାର ଶ୍ରେଣୀ କିମ୍ବା ସୌଦାଗର ଏବଂ ବ୍ୟବସାୟୀ ଗୋଷ୍ଠୀର ଥିଲେ । ସେମାନେ ରଷ୍ଟ୍ରର ସୁରକ୍ଷା ଲାଭ ସହିତ ଏକଚାଟିଆ ସୁବିଧା ପାଉଥିଲେ, ଯାହାକି ମୁକ୍ତ ବାଣିଜ୍ୟ ନୀତି ଫଳରେ ନଷ୍ଟ ହୋଇଥିଲା । ସେମାନଙ୍କ ପାଇଁ ପ୍ରାକୃତିକ ଅଧିକାରର ସମ୍ପୂର୍ଣ୍ଣ ଅର୍ଥ ବାଧାଜନକ ଥିଲା କାରଣ ଏହା ସମାଜର ପୁରୁଣା ପରମ୍ପରାର ଧାରାକୁ ଧ୍ୱଂସ କରିଥିଲା, ଯେଉଁଥିରେ ସମାଜର ପ୍ରତ୍ୟେକ ଶ୍ରେଣୀ ପୂର୍ବରୁ ସେମାନଙ୍କର ସ୍ଥାନ ସଂରକ୍ଷିତ କରିସାରିଥିଲା । ସେମାନଙ୍କପାଇଁ ସାମାଜିକ ଏବଂ ସ୍ଥିତାବସ୍ଥା ସମାନତା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ସେମାନେ ଅନୁଭବ କରୁଥିଲେ ଯେ ଯେତେବେଳେ ଈଶ୍ୱରଙ୍କ ନିକଟରେ ସମସ୍ତେ ସମାନ, ସେତେବେଳେ ପ୍ରତ୍ୟକ୍ଷ ଜୀବନର ଏହାହିଁ ହେବା ଆଦୌ ବାଞ୍ଛନୀୟ ନୁହେଁ । ସେମାନେ ପୁରୁଣା ସାମାଜିକ ଶୃଙ୍ଖଳାକୁ ଆଧୁନିକ ପୃଥିବୀର ବିଶୃଙ୍ଖଳା ବିରୋଧରେ





ସର୍ବୋତ୍ତମ ପ୍ରତିଷେଧକ ବୋଲି ଭାବୁଥିଲେ କାରଣ ଏହା ସମାଜରେ ବୈପ୍ଳବିକ ପରିବର୍ତ୍ତନ ଏବଂ ସଂଘର୍ଷର କାରଣ ହେଉଥିଲା । ସମସ୍ତ ପାଶ୍ଚାତ୍ୟ ରାଜ୍ୟମାନଙ୍କରେ ସୁଦୃଢ଼ ରକ୍ଷଣଶୀଳ ରାଜନୈତିକ ଗୋଷ୍ଠୀ ଥିଲେ ଏବଂ ସେମାନେ ରାଜନୈତିକ ନିର୍ବାଚନରେ ଭାଗ ନେଉଥିଲେ ତଥା ପ୍ରଶାସନିକ କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରୁଥିଲେ ।

**ସମାଜବାଦ :**

ସମାଜବାଦୀମାନେ ମଧ୍ୟ ଉଦାରବାଦୀମାନଙ୍କୁ ସମାଲୋଚନା କରୁଥିଲେ ମାତ୍ର ସେହି ବିଷୟରେ ରକ୍ଷଣଶୀଳ ମାନଙ୍କଠାରୁ ଅନେକ ଭିନ୍ନ ଥିଲେ । ସମାଜବାଦୀମାନେ ଶ୍ରମଜିବୀମାନଙ୍କ ସ୍ୱାର୍ଥ ପାଇଁ ପ୍ରତିନିଧିତ୍ୱ କରୁଥିଲେ ଏବଂ ଯୁକ୍ତି ବାଢୁଥିଲେ ଯେ ଶିଳ୍ପପତି ପୁଞ୍ଜିପତି ସମାଜରେ ପୁରାତନ ଅତ୍ୟାଚାରୀ ରାଜତନ୍ତ୍ର ଏବଂ ଅଭିଯାତତନ୍ତ୍ର ଧନଶାଳୀ ପୁଞ୍ଜିପତି ମଧ୍ୟବିତ୍ତମାନଙ୍କ ଦ୍ୱାରା ପ୍ରତିସ୍ଥାପିତ ହେଲା । ଲୁଇସ୍ ବ୍ଲାଙ୍କ ଏବଂ ରବାର୍ଟ ଓଡ୍ୱେନ ଭଳି କେତେକ ପୁରାତନ ସମାଜବାଦୀ ବିଶ୍ୱାସ କରୁଥିଲେ ଯେ ସଂଗଠନ ସୁଷମ ବଣ୍ଟନ ଉତ୍ପାଦନକାରୀମାନଙ୍କର ସମବାୟ ସଂଗଠନର ଲାଭାଂଶର ସୁଷମ ବଣ୍ଟନ ଆଡକୁ ଅଗ୍ରସର ହେଉଥିଲା । କାର୍ଲମାର୍କ୍ସଭଳି ଅନ୍ୟମାନେ ଚିନ୍ତାକରୁଥିଲେ ଯେ ଶ୍ରମିକମାନେ ପୁଞ୍ଜିବାଦ ଧାରାରେ କେବେବି ନ୍ୟାଯ୍ୟ ଫଳ ପାଇପାରିବେ ନାହିଁ । ଏହା ସମ୍ଭବ ହେବ ଯଦି ସମସ୍ତ ଉଦ୍ୟୋଗଗୁଡ଼ିକ ସାମୁହିକ ଭାବରେ ସର୍ବସାଧାରଣଙ୍କ ଦ୍ୱାରା ମାଲିକାନା ପ୍ରାପ୍ତି ହେବ । ଅର୍ଥାତ୍ ରଷ୍ଟ୍ର ଏଗୁଡିକର ମାଲିକ ହେଲେ ସମସ୍ତଙ୍କର ସମାନ ହିତ ସାଧନ ହେବ । ମାର୍କ୍ସ କହିଲେ ଯେ ଗୋଟିଏ ସାମ୍ୟବାଦୀ ସମାଜରେ ଉତ୍ପାଦନର ସମସ୍ତ ଉପାୟ ସାମୁହିକ ଭାବରେ ଥାଏ ଏବଂ ଏହା ବ୍ୟକ୍ତିଗତ ସମ୍ପତ୍ତି ନଥିଲା, ପ୍ରତ୍ୟେକ ବ୍ୟକ୍ତି ନିଜର ଶକ୍ତି ଅନୁଯାୟୀ କାର୍ଯ୍ୟ କରିବେ ଏବଂ ନିଜନିଜର ଆବଶ୍ୟକତା ଅନୁସାରେ ପ୍ରାପ୍ୟ ଗ୍ରହଣ କରିବେ । ତେଣୁ ସାମାଜିକ ନ୍ୟାୟ ସେଥିପାଇଁ ବ୍ୟକ୍ତିଗତ ସମ୍ପତ୍ତିର ବିଲୋପ ହେବାର ଆବଶ୍ୟକତା ପଡିଥିଲା । ସମାନତା ଥିବା ସମାଜରେ ଶ୍ରେଣୀ ମଧ୍ୟ ବଞ୍ଚି ରହିପାରେନାହିଁ । ତାଙ୍କ ଅନୁସାରେ ସମାଜବାଦୀ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏପରି ଏକ ସମାଜ ପ୍ରତିଷ୍ଠା କରିବା । ମାର୍କ୍ସ ମଧ୍ୟ କହୁଥିଲେ ଏଥିପାଇଁ ଗୋଟିଏ ବିପ୍ଳବର ଆବଶ୍ୟକତା ରହିଛି କାରଣ ଏଥିରେ ଶାସକ ଶ୍ରେଣୀ ସହଯୋ କରିବେ ନାହିଁ ଏଥିପାଇଁ ଏକ ସାମ୍ୟବାଦୀଦଳ ଏବଂ ଦୃଢ଼ ଓ ପ୍ରତିଶୃତିବଦ୍ଧ ଶ୍ରମିକ ଶ୍ରେଣୀର ଆନ୍ଦୋଳନ ହେବା ଆବଶ୍ୟକ ।

ଏପରି ଭାବରେ ୧୯୦୦ରେ ସୋସିଆଲିଷ୍ଟ ଡେମୋକ୍ରାଟିକ (ମାର୍କିଷ୍ଟ) ଦଳ ଲକ୍ଷ ଲକ୍ଷ ଶ୍ରମିଙ୍କୁ ନେଇ ଲେବର ଇଉନିୟନ ଗଠନ କଲେ । ସେମାନେ ନିର୍ବାଚନରେ ଅଂଶ ଗ୍ରହଣ କଲେ ଏବଂ ଜର୍ମାନ ରିଚଷ୍ଟାରରେ ପ୍ରମୁଖ ଦଳ ଭାବରେ ଉଭା ହେଲେ । ସେମାନେ ଶ୍ରମିକମାନଙ୍କର ଜୀବନଧାରାର ଉନ୍ନତି ପାଇଁ ଆଇନ ପ୍ରଣୟନ କରିବାରେ ସକ୍ଷମ ହୋଇଥିଲେ । ମାର୍କ୍ସବାଦୀ, ସମାଜବାଦୀ ଏବଂ ଶ୍ରମିକଦଳ ୧୯୦୦ରେ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ବିଦ୍ୟମାନ ହେଲେ । ମାତ୍ର ସେମାନେ ନିଜ ଦେଶରେ ସରକାର ଏବଂ ପୋଲିସର ତୀକ୍ଷଣ ଦୃଷ୍ଟିରେ ଥିଲେ କାରଣ ସେମାନେ ଯେକୌଣସି ଉପାୟରେ ବିପ୍ଳବକୁ ପ୍ରତିହତ କରିବାକୁ ଚାହୁଁଥିଲେ । ଋଷଭଳି ଦେଶରେ ସାମ୍ୟବାଦୀ ସଂଗଠନ ଗୁଡିକୁ ନିଷିଦ୍ଧ କରାଗଲା ଏବଂ ପ୍ରମୁଖ ସାମ୍ୟବାଦୀମାନଙ୍କୁ ବନ୍ଦି କିମ୍ୱା ନିର୍ବାସିତ କରାଗଲା (ଯେପରି ଭି.ଆଇ.ଲେନିନ ରୁଷ ବୈପ୍ଳବିକ ଆନ୍ଦୋଳନର ନେତାଙ୍କ କ୍ଷେତ୍ରରେ ହେଲା)



ଟିପ୍ପଣୀ

### ପାଠଗତ ପ୍ରଶ୍ନ ୨୨.୩ :

୧. ଉଦାରବାଦୀମାନଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନୈସର୍ଗିକ ଅଧିକାର କ'ଣ ଥିଲା ?

.........................................................................................

୨. ଉଦାରବାଦୀମାନେ ଆର୍ଥିକ ଗତିବିଧିର ସରକାରୀ ନିର୍ଦ୍ଧାରଣର ସିଦ୍ଧାନ୍ତକୁ କାହିଁକି ବିରୋଧ କଲେ ?

.........................................................................................

୩. ଉଦାରବାଦ ଏବଂ ରକ୍ଷଣଶୀଳଙ୍କର ସମ୍ବନ୍ଧରେ ୧୯ଶ ଶତାବ୍ଦିର ଉତ୍ତରାର୍ଦ୍ଧରେ ପରିବର୍ତ୍ତିତ ବର୍ଗର ଯୁକ୍ତି ଉଲ୍ଲେଖ କରନ୍ତୁ ।

.........................................................................................

୪. ସମାନତାର ମାର୍କସବାଦୀ ଅବଧାରଣ ଏବଂ ଅସମାନତା ଆଧାରରେ ମାର୍କ୍ସବାଦୀର ପରିଚୟ ସ୍ପଷ୍ଟ କରନ୍ତୁ ?

.........................................................................................

୫. ୧୯୦୦ରେ ଏମିତି ଏକ ରାଷ୍ଟ୍ରର ଉଦାହରଣ ଦିଅନ୍ତୁ ଯେଉଁଥିରେ ମାର୍କ୍ସବାଦୀ ଶ୍ରମିକ ଶ୍ରେଣୀବର୍ଗଙ୍କୁ ଏକଜୁଟ କରିବାରେ ଅତ୍ୟଧିକ ସଫଳ ହେଲେ ?

.........................................................................................

୬. ସାମ୍ୟବାଦୀ (ମାର୍କ୍ସବାଦୀ) ସାମ୍ରାଜ୍ୟର ଘୋର ବିରୋଧୀ ଅଟେ । କାରଣ କ'ଣ ?

.........................................................................................

**ସାମ୍ରାଜ୍ୟବାଦ :**

୧୯୦୦ରେ ବିଶ୍ୱ ଏପରି ଥିଲା ଯେଉଁଥିରେ ଅଧିକରୁ ଅଧିକ ଔଦ୍ୟୋଗୀକ ରାଷ୍ଟ୍ରମାନଙ୍କର ଅଣ ଔଦ୍ୟୋଗୀକ ରାଷ୍ଟ୍ରମାନଙ୍କର ଲୋକ ଓ ସମ୍ବଳ ଉପରେ ଅଧିକାର ଥିଲା । ଔଦ୍ୟୋଗିକ ରାଷ୍ଟ୍ରମାନଙ୍କରେ ଅନେକ ବାସିନ୍ଦା ବିଶ୍ୱାସ କରୁଥିଲେ ଯେ ଯେଉଁରାଷ୍ଟ୍ର ଉପରେ ଶାସନ କରାଯାଉଥିଲା ସେମାନଙ୍କ ପାଇଁ ଉପନିବେଶବାଦ ଲାଭକାରୀଥିଲା ଏବଂ ପଛୁଆ ରାଷ୍ଟ୍ରମାନଙ୍କ ବାସିନ୍ଦାମାନେ ବିଦେଶୀ ଶାସନ ଦ୍ୱାରା ସଭ୍ୟ ହୋଇଯାଇଥିଲେ। । ଉପନିବେଶ ଉପରେ ସେହି ରାଷ୍ଟ୍ର ପ୍ରଭୁତ୍ୱକୁ କିପରି ସ୍ଥିତାବସ୍ଥାରେ ରଖାଯାଇପାରିବ । ସେ ବିଷୟରେ ଶାସକ ରାଷ୍ଟ୍ରମାନଙ୍କର ଉଦାରବାଦୀ ମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଯାଇଥିଲା । ଏହା ଭାବୁ ନଥିଲେ ଯେ ପ୍ରତ୍ୟକ୍ଷ ରାଜନୈତିକ ଶାସନର ଆବଶ୍ୟକତା ଥିଲା । କିନ୍ତୁ ପ୍ରତ୍ୟେକ ଏହା ଚାହୁଁନଥିଲେ ଯେ ଉପନିବେଶର ଆଭାଂଶ ଏବଂ ଉପନିବେଶର ସଂସାଧନ ଉପରେ ନିଜର କର୍ତ୍ତୃତ୍ୱକୁ ନିଜ ହସ୍ତରୁ ମୁକ୍ତ ହୋଇଯାଉ । ଜର୍ମାନୀରେ ଉଦାରବାଦୀମାନେ ବିଶ୍ୱାସ କରୁଥିଲେ ଯେ ସେମାନଙ୍କ ରାଷ୍ଟ୍ରର ଔଦ୍ୟୋଗିକ ଶକ୍ତି ଅଧିକ ଉପନିବେଶ ସୃଷ୍ଟି କରିବା ଉପରେ ନିର୍ଭରଶୀଳ ଥିଲା । ଆମେରିକାର ଅନେକ ଉଦାରବାଦୀମାନଙ୍କର କହିବାର ଥିଲା ଯେ ସେମାନଙ୍କର

ଟିପ୍ପଣୀ

ରାଷ୍ଟ୍ରକୁ କ୍ୟୁବା ଓ ଫିଲିଫିନ ଉପରେ ରାଜୁତି କରିବାର କୌଣସି ନୈତିକ ଅଧିକାର ନଥିଲା, ପରନ୍ତୁ ଆମେରିକାର କୌଣସି ନାଗରିକ ଲାଟିନ ଆମେରିକାରେ ନିଜସ୍ୱ ସରକାରର ହସ୍ତକ୍ଷେପର ଆଲୋଚନା କରିନଥିଲେ । ବ୍ରିଟିଶ, ଫରାସୀ, ଜର୍ମାନ, ଇଟାଲୀୟ ଏବଂ ଆମେରିକାର ପୁଞ୍ଜିପତିମାନେ ଔପଚାରିକ ସାମ୍ରାଜ୍ୟର ଅନ୍ତର ଏବଂ ବାହ୍ୟ ଉଭୟ ଆର୍ଥିକ ଗତିବିଧି ଉପରେ ଅନେକ ପୁଞ୍ଜି ନିବେଶ କରିଥିଲେ । ଅତଏବ ସେମାନେ ନିଜସ୍ୱ ସମ୍ପର୍କୀତ ଦେଶଗୁଡିକୁ ସମର୍ଥନ ଦେଲେ ଏବଂ ବିଦେଶୀ ନୀତି ଗୁଡିକୁ ପ୍ରଭାବିତ କଲେ ତଥା ଶେଷ ବିଶ୍ୱର ରାଷ୍ଟ୍ର ଉପରେ ଔପନିବେଶିକ ଆଧିପତ୍ୟ ବିସ୍ତାର କରିବାପାଇଁ ପ୍ରେରିତ କଲେ, ଯେଉଁଥିରେ ଆଫ୍ରିକା, ଲାଟିନି ଆମେରିକା ଏବଂ ଏସିଆ ସମ୍ମିଳିତ ଥିଲେ ।

୧୯୦୦ରେ ଘୋର ସାମ୍ରାଜ୍ୟବାଦ-ବିରୋଧୀ ବିଚାର କରୁଥିବା ରାଜନୈତିକ ସମୂହ ସାମ୍ୟବାଦୀମାନଙ୍କର ଥିଲା । ସେମାନଙ୍କର ବିଶ୍ୱାସଥିଲା ଯେ ସମସ୍ତ ପରିପ୍ରେକ୍ଷୀରେ ଉପନିବେଶବାଦ କେବଳ ଶାସକ ବର୍ଗଙ୍କୁ ଲାଭାନ୍ୱିତ କରୁଥିଲା ଏବଂ କୌଣସି ପରିପ୍ରେକ୍ଷୀରେ ଏହା ଶ୍ରମିକମାନଙ୍କର ହିତରେ ନଥିଲା । ଅତଏବ ସମସ୍ତ ରାଷ୍ଟ୍ରମାନଙ୍କର ଶ୍ରମିକ ବର୍ଗଙ୍କର କେତେକ ରାଷ୍ଟ୍ରର ଏହି ସାମ୍ରାଜ୍ୟବାଦୀ ପ୍ରଭୁତ୍ୱକୁ ଉତ୍ପାଟନ କରିବା ପାଇଁ ଏକଜୁଟ ହେବା ଆବଶ୍ୟକ ଥିଲା ।

**ଜାତୀୟତାବାଦ :**

ଜାତୀୟତାବାଦ ଏବଂ ରାଷ୍ଟ୍ର ମୁକ୍ତିର ବିଚାରଧାରା ଉନବିଂଶ ଏବଂ ବିଂଶ ଶତାବ୍ଦିର ବିଶ୍ୱରେ ଏକ ବିସ୍ଫଟକ ଶକ୍ତି ହୋଇଥିଲା । ୧୯୦୦ରେ ସମଗ୍ର ବିଶ୍ୱରେ ପ୍ରତିଯୋଗୀ ରାଷ୍ଟ୍ରବାଦୀମାନଙ୍କର ବିସ୍ତାର ଘଟୁଥିଲା ଏବଂ ଲୋକମାନଙ୍କୁ ସଂଗଠିତ କରିବାରେ ଏହା ମହତ୍ୱପୂର୍ଣ୍ଣ ଉପାୟ ଥିଲା । ସଭ୍ୟତାଗତ ପରିଚୟର ବ୍ୟାପକ ଧାରଣାମାନ ଲୋକମାନଙ୍କୁ ଆକୃଷ୍ଟ କରିବାପାଇଁ ଜାତୀୟତାବାଦର ପ୍ରତିଦ୍ୱନ୍ଦ୍ୱୀ ହୋଇଗଲା । ଏହି ଦୁଇଟି ଏସିଆ ଏବଂ ଆଫ୍ରିକାରେ ମହତ୍ୱପୂର୍ଣ୍ଣ ଥିଲା । ପାନ-ଆଫ୍ରିକାବାଦ ଏବଂ ପାନ-ଇସଲାମାବାଦରେ ନିଜ ନିଜର ଦେଶରେ ସ୍ୱତନ୍ତ୍ରତା ସଂଗ୍ରାମକୁ ଉତ୍ସାହିତ କଲେ । ଚିନବାସୀ ଏବଂ ଭାରତୀୟମାନେ ନିଜର ସାଂସ୍କୃତିକ ସ୍ୱତନ୍ତ୍ରତା ଉପରେ ଜୋର ଦେଲେ ତଥା ସ୍ୱତନ୍ତ୍ରତା ହେତୁ ନିଜ ନିଜର ସଂଘର୍ଷରେ ଔପନିବେଶିକ ନୀତିର ବିରୋଧ କଲେ । ସରକାରରେ ଜନପ୍ରିୟ ଅଂଶଗ୍ରହଣ ଜାତୀୟ ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଥିଲା । ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ଔପନିବେଶକ ନୀତିଗୁଡିକର ବିରୋଧ କରିବା, ଆର୍ଥିକ ଶୋଷଣକୁ ସମାପ୍ତକରିବା ଏବଂ ସ୍ୱରାଜକୁ ପ୍ରତିରୋଧ ବିଷୟଗୁଡିକ ସମଗ୍ର ବିଶ୍ୱର ରାଷ୍ଟ୍ରୀୟ ଉଦାରବାଦୀ ଆନ୍ଦୋଳନର ହେତୁ ଆଧାର ପ୍ରସ୍ତୁତି କରିଥିଲା । ଏପରି ବିଂଶ ଶତାବ୍ଦୀରେ ଅଧିକରୁ ଅଧିକ ରାଷ୍ଟ୍ରୀୟ ସ୍ୱତନ୍ତ୍ରତା ସଂଘର୍ଷ ପ୍ରଜାତନ୍ତ୍ର ସମ୍ବନ୍ଧିତ ବିଚାରଧାରମାନ ଏବଂ କେମିତି ରାଷ୍ଟ୍ରୀୟ ସମ୍ପତ୍ତି ସୃଜନ କରିହୁଏ ଏବଂ ଏଥିରେ ଭାଗୀଦାରୀ କରାଯିବା ଇତ୍ୟାଦି ସମ୍ବନ୍ଧିତ ବିଚାରଧାରାରେ ଯୋଡି ହୋଇଥିଲା । ବିଭିନ୍ନ ବୈଷମ୍ୟରେ, ଔଦ୍ୟୋଗିକୃତ, ସାମ୍ରାଜ୍ୟବାଦୀ ଦେଶରେ ଜାତୀୟବାଦ ଆକ୍ରମଣାତ୍ମକ ହୋଇଯାଇଥିଲା । ଔପନିବେଶିକ ନୀତି ଏବଂ ଅନ୍ୟ ରାଷ୍ଟ୍ର ଉପରେ ପ୍ରଭୁତ୍ୱର ସମର୍ଥନରେ ହୋଇଥିଲା । ପରବର୍ତ୍ତୀ ଅଧ୍ୟାୟନର ନିଜର ଅଧ୍ୟୟନରେ ଆପଣ ଦେଖିବେକି ଏଥିରେ ସେହି ରାଷ୍ଟ୍ରରେ ପ୍ରତିସ୍ପର୍ଦ୍ଧା ଆହୁରୀ ବଢ଼ିଲା ତଥା ଅନ୍ତତଃ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା ।

## ତୁମେ କ'ଣ ଶିଖିଲ :

ଶତାବ୍ଦୀ ଇଉରୋପ ଏବଂ ଉତ୍ତର ଆମେରିକା

୧୯୦୦ ପୂର୍ବ ଶତାବ୍ଦୀ ତୀବ୍ର ଜନସଂଖ୍ୟା ବୃଦ୍ଧିର ସମୟ ଥିଲା, ଏଥିରେ ଅଧିକତର ବୃଦ୍ଧି ଇଉରୋପ ତଥା ଉତ୍ତର ଆମେରିକାରେ ହୋଇଥିଲା । ଏହି ବର୍ଷ ମାନଙ୍କରେ ଜନସଂଖ୍ୟା ବୃଦ୍ଧି ଔଦ୍ୟୋଗୀକରଣ ସହିତ ହୋଇଥିଲା । ଔଦ୍ୟୋଗିକ ସମାଜର ଆବିର୍ଭାବ ହେବା ସହିତ ଉପକ୍ଷେତ ସାମାଜିକ ବ୍ୟବସ୍ଥା ପ୍ରାପ୍ତ କରିବା ସମ୍ବନ୍ଧରେ ବିଚାର ଏହା ସିଦ୍ଧାନ୍ତ ଅର୍ଥାତ୍ ବିଚାରଧାରାର ନିର୍ମାଣ ଓ ସୁଦୃଢ଼ୀକରଣ ହେଲା । ୧୮୦୦ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦର ମୁକ୍ତି ହେତୁ ଏହି ନୀତିମାନଙ୍କରେ ଅଣ-ଔଦ୍ୟୋଗିକ ସମାଜର ଲୋକମାନଙ୍କର ସଂଘର୍ଷକୁ ସ୍ୱରୂପ ପ୍ରଦାନ କରିବାପାଇଁ ବିଚାରଧାରମାନ ପ୍ରସ୍ତୁତ ହେବାରେ ଲାଗିଥିଲା । ଏଥି ମଧ୍ୟରେ ବିକଶିତ ୟୁରୋପ ତଥା ଅବିକସିତ ଔପନିବେଶିକ ବିଶ୍ୱ ଉପରେ ଅତ୍ୟଧିକ ପ୍ରଭାବ ପଡ଼ିଲା ।

## ପାଠାନ୍ତ ପ୍ରଶ୍ନ :

୧. ଔଦ୍ୟୋଗୀକରଣ ମାନବ ଅସ୍ତିତ୍ୱର ପ୍ରାଚୀନ ଢ଼ାଞ୍ଚାରେ କିପ୍ରକାର ପରିବର୍ତ୍ତନ କଲା ?

୨. ଔଦ୍ୟୋଗୀକରଣ ବିଶ୍ୱକୁ ଉତ୍ପାଦନ ଏବଂ ବ୍ୟାପାରର ଢ଼ାଞ୍ଚାରେ କିପ୍ରକାର ପରିବର୍ତ୍ତନ ଆଣିଲା ?

୩. ଉଦାରବାଦ ଏବଂ ସମାଜବାଦ କିପରି ଏକ ଅନ୍ୟର ବିରୋଧୀ ଥିଲେ, ଯେତେବେଳେ ଦୁଇଜଣ ମାନବ ସ୍ୱତନ୍ତ୍ରତା ପ୍ରାପ୍ତ କରିବା ଚାହୁଁଥିଲେ ?

## ପାଠଗତ ପ୍ରଶ୍ନର ଉତ୍ତର :

**୨୨.୧**

୧. ୭୫-୯୫ ପ୍ରତିଶତ

୨. ୟୁରୋପ ଭିତରେ

୩. ସହରୀ କ୍ଷେତ୍ର ଔଦ୍ୟୋଗିକ ଉତ୍ପାଦନ ଏବଂ ବାଣିଜ୍ୟିକ ବିତରଣର ସ୍ଥଳ ଥିଲା । ସ୍ୱାକ୍ଷରତା ଏପରି କ୍ଷେତ୍ରରେ ଅତ୍ୟଧିକ ଉପଯୋଗୀ ଅଥବା ପ୍ରାସଂଗିକ ଥିଲା ଓ ଗ୍ରାମୀଣ କ୍ଷେତ୍ରରେ ସ୍ୱଳ୍ପ ଉପଯୋଗୀ ଥିଲା ।

୪. ପ୍ରାଥମିକ ବିଦ୍ୟାଳୟରେ ଅଧିକ ସଂଖ୍ୟାରେ ଉପସ୍ଥିତ ତଥା ସମାଚାର ପତ୍ରର ବ୍ୟାପକ ପ୍ରଚଳନ ।

୨୨.୨

୧. ବ୍ରିଟିଶ, ଫ୍ରାନ୍ସ, ଜର୍ମାନୀ, ଆମେରିକା ଏପରି କେତେକ ରାଷ୍ଟ୍ର ଥିଲେ ଯେଉଁମାନେ ୧୯୦୦ରେ ଜୀବାଂଶ ଇନ୍ଧନ ଉପରେ ନିର୍ଭର ଥିଲେ ।

୨. ୧୮୦୦ରେ ଜୀବାଂଶ ଇନ୍ଧନର କେତେକ ସମୃଦ୍ଧ ଆପୁର୍ତ୍ତି ଇଉରୋପ ଏବଂ ଆମେରିକରୁ ବାହାରେ ଅବସ୍ଥିତ ଥିଲା ।

୩. ଉପନିବେଶ ଗୁଡ଼ିକ ଅସମ ବ୍ୟାପାରରେ ଅସନ୍ତୁଷ୍ଟ ଥିଲେ । ସେମାନେ ମୁଖ୍ୟତଃ ଔଦ୍ୟୋଗିକୃତ ରାଷ୍ଟ୍ରମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ଖାଦ୍ୟ ଓ କଞ୍ଚାମାଲ ଉତ୍ପନ୍ନ କରୁଥିଲେ ।

୪. ବହୁସଂଖ୍ୟକ ଲୋକ ସେମାନଙ୍କ ଠାରୁ ଦୂରରେ ଥିବା ଲୋକଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରୁଥିଲେ ଏବଂ ଅନ୍ୟମାନଙ୍କ ଦ୍ୱାରା ଉତ୍ପାଦନ ବହୁ ସଂଖ୍ୟକ ପଦାର୍ଥଗୁଡ଼ିକୁ ଉପଭୋଗ କରୁଥିଲେ ।

୫. ଔପନିବେଶିକ ଶାସକମାନେ ଭାଷା ଏବଂ ଶିକ୍ଷାଙ୍କୁ ଏକ ନୂତନ ସାମାଜିକ ବିବିଧତା ସୃଷ୍ଟିପାଇଁ ବ୍ୟବହାର କରୁଥିଲେ ଏବଂ ଜାତୀୟ ଚେତନାରେ ବାଧା ସୃଷ୍ଟି କରୁଥିଲେ ।

୨୨.୩

୧. ଶୋଷଣ ବିରୋଧ, ବ୍ୟକ୍ତିଗତ ସମ୍ପତ୍ତି, ସ୍ୱଇଚ୍ଛାରେ ଧର୍ମଚୟନ, ବାକ ସ୍ୱାଧୀନତା, ସରକାରରେ ଅଂଶଗ୍ରହଣ ।

୨. ଉଦାରବାଦୀମାନେ ବିଶ୍ୱାସ କରୁଥିଲେ ଯେ ବ୍ୟକ୍ତିମାନେ ଅବିରତ କାର୍ଯ୍ୟ କରନ୍ତି । ଅର୍ଥନୈତିକ କାର୍ଯ୍ୟକଳାପରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲକରି ଗୋଟିଏ ଶକ୍ତିଶାଳୀ ସରକାର ଅପେକ୍ଷା ସମସ୍ତଙ୍କ ପାଇଁ ଅଧିକତର ମଙ୍ଗଳ କରିପାରିବ ।

୩. ୧୮୦୦ର ପ୍ରାରମ୍ଭରେ ରକ୍ଷଣଶୀଳମାନେ ମୁଖ୍ୟତଃ ଜମି ଭୂମ୍ୟାଧିକାରୀ ଶ୍ରେଣୀର ସଦସ୍ୟ ଥିଲେ କିମ୍ବା ଯେତେବେଳେ ସେମାନଙ୍କର ଆଶ୍ରିତମାନେ ଉଦାରମନା ଥିଲେ ଓ ଅନେକ ସମୟରେ ସେମାନେ ଉଦ୍ୟୋଗ ଏବଂ ବ୍ୟାପାରରେ ସକ୍ରିୟ ଥିଲେ । ୧୯୦୦ ବେଳକୁ ଚିରାଚରିତ ଭୂମ୍ୟାଧିକାରୀ ଶ୍ରେଣୀର ସଦସ୍ୟମାନେ ଉଦାରବାଦକୁ ସମର୍ଥନ କରିବାକୁ ବ୍ୟାପାରୀମାନଙ୍କ ସହିତ ଏକଜୁଟ ହୋଇଥିଲେ । ଇତ୍ୟବସରରେ କେତେକ ପରମ୍ପରାଗତ ଉଦାରବାଦୀମାନେ ରକ୍ଷଣଶୀଳତାକୁ ସମର୍ଥନ କରିବାକୁ ଆସିଲେ ।

୪. ମାର୍କସପନ୍ଥିମାନେ ଉତ୍ପାଦନର ଉପାୟ ଭିତରକୁ ପ୍ରବେଶ କିମ୍ବା ପ୍ରବେଶ ରୁଦ୍ଧ ହେତୁ ମାର୍କସବାଦୀମାନେ ମାନବ ଅସମତା ଉପରେ ବିଶ୍ୱାସ କରୁଥିଲେ । ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି ଲୋପକରି ଏବଂ ସେଗୁଡ଼ିକୁ ରାଜ୍ୟ ନିୟନ୍ତ୍ରଣରେ ରଖି ଲୋକମାନେ ପ୍ରକୃତରେ ସମାନ ହୋଇପାରିବେ ?

୫. ଜର୍ମାନୀ, ଯେଉଁଠି ଦି ସୋସିଏଲ ଡେମୋକ୍ରେଟିକ ଓ୍ୱାର୍କରାର୍ସ ପାର୍ଟି ଶ୍ରମିକ ଶ୍ରେଣୀ ଭୋଟ ହାସଲ କରିଥିଲେ ।

୬. ସମାଜବାଦୀମାନେ ବିଶ୍ୱାସ କରୁଥିଲେ ଯେ ପୁଞ୍ଜିପତି ଏବଂ ସର୍ବହରାମାନଙ୍କ ମଧ୍ୟରେ ବିଭାଜନ ବିଶ୍ୱ ସ୍ତରରେ ଘଟୁଥିଲା । ସେଥିପାଇଁ ଦେଶର ଉପନିବେଶମାନଙ୍କରେ ସର୍ବହରାମାନେ ସମସ୍ତ ସ୍ଥାନରେ ଉତ୍ପୀଡନ ବିରୁଦ୍ଧରେ ସଂଗ୍ରାମ କରିବାପାଇଁ ଆଗ୍ରହାନ୍ୱିତ ହେବେ ।

**ପାଠାନ୍ତ ପ୍ରଶ୍ନର ସଂକେତ :**

୧. ଅନୁଚ୍ଛେଦ ୨୨.୧-୨୨.୪ ଦେଖନ୍ତୁ

୨. ଅନୁଚ୍ଛେଦ ୨୨.୫ ଦେଖନ୍ତୁ ।

୩. ଅନୁଚ୍ଛେଦ ୨୨.୬.୨ ଏବଂ ୨୨.୬.୪ ଦେଖନ୍ତୁ ।

**ଶବ୍ଦାବଳୀ**

୧. ବୁର୍ଜୁଆ - ସାମାଜିକ ଶ୍ରେଣୀ ଏପରି ଲୋକମାନେ ଯେଉଁମାନଙ୍କ ପାଖରେ ଗୃହ, କାରଖାନା ଭଳି ପର୍ଯ୍ୟାପ୍ତ ସମ୍ପତ୍ତି ଥିଲା ଅଥବା ବେଙ୍କରେ ଖାତା ଥିଲା - ପୁଞ୍ଜିପତି ?



ଟିପ୍ପଣୀ

୨. ସୀ.ଇ. - ସାଧାରଣ ସମୟ - ଖ୍ରୀଷ୍ଟୀଆନ କ୍ୟାଲେଣ୍ଡର ଅନୁସାରେ ନିର୍ଦ୍ଧାରିତ ଐତିହାସିକ ସମୟ ଅବଧି ଏଥିରେ ଏପରି ମସିହାରୁ ଜନ୍ମ ପରବର୍ଷକୁ ଏକବର୍ଷ ରୂପେ ଗୃହିତ ହେଲା । ଅନ୍ୟ ଧାର୍ମିକ ପରମ୍ପରା (ଉଦାହରଣ ଇହୁଦୀ ଧର୍ମ, ହିନ୍ଦୁ ଧର୍ମ, ଇସଲାମ) ଉପରେ କେନ୍ଦ୍ରିତ ସଭ୍ୟତାମାନ ରାଷ୍ଟ୍ରରେ ଭିନ୍ନ ଭିନ୍ନ କ୍ୟାଲେଣ୍ଡରର ଅନୁସରଣ କରାଯାଉଥିଲଶ । ଯେତେବେଳେ ଆଜି ସଂପୂର୍ଣ୍ଣ ବିଶ୍ୱରେ ଇସାଇ କ୍ୟାଲେଣ୍ଡରର ବ୍ୟାପକ ଉପଯୋଗ କରାଯାଉଥିଲା, ବିଂଶ ଶତାବ୍ଦିର ଅର୍ଥ ୧୯୦୦ରେ ଆରମ୍ଭ ହେବାକୁ ଥିବା ବର୍ଷର ସମୟ ।

୩. ବିଚାରଧାରା / ଆଦର୍ଶ - ସିଦ୍ଧାନ୍ତ ଅଥବା ବିଚାର ଅଥବା ବିଶ୍ୱର ବିଚାର ଯାହା ସମାଜର ବିକାଶ ହେତୁ ବିଶେଷ ଜନର ସମର୍ଥନ କରେ, ସାମାଜିକ ଦର୍ଶନ ଶାସ୍ତ୍ର ।

୪. ସାମ୍ରାଜ୍ୟବାଦ - ପୈତୃକ ରାଜ୍ୟ ଉପରେ ଆଶ୍ରି ଓ ଉପନିବେଶ ଗୁଡିକ, ପ୍ରଦେଶର ଅଧିଗ୍ରହଣ କରିବା, ଅଥବା ଏହା ରକ୍ଷଣାବେକ୍ଷଣ କରିବାର ପ୍ରକ୍ରିୟା ।

୫. ଶ୍ରମବାଦ / ଶ୍ରମିକ ଦଳବାଦୀ - (୨) ସାମ୍ରାଜ୍ୟ ଅଧିଗ୍ରହଣ କରିବାର ବିଚାରଧାରା, କାମଗାର ମାନଙ୍କ ରାଜନୈତିକ ଅଥବା ଆର୍ଥିକ ସଂଗଠନକୁ ସଂକେତ ଦିଏ । 'ଶ୍ରମବାଦ ନିଯୁକ୍ତି ଦାସ କିମ୍ବା ରାଷ୍ଟ୍ରମାନଙ୍କ ପାଖରୁ ଶ୍ରମ ଅଧିକାରକୁ ପ୍ରତିରକ୍ଷା କରେ । କେତେକ ଶ୍ରମିକ ସାମ୍ୟବାଦୀ ଅଟନ୍ତି ।

୬. ମୁଦ୍ରଣ ସଂସ୍କୃତି - ମୁଦ୍ରିତ ପାଠ ଯେପରି ପୁସ୍ତକ ଓ ସମାଚାର ପତ୍ର ଉପରେ ଆଧାରିତ ସଂଚାର ଓ ଜ୍ଞାନର ଢ଼ାଞ୍ଚା (ଯାହା ଲୋକମାନଙ୍କ ଦ୍ୱାରା ହାତରେ ପାଠର ପ୍ରତିଲିପି କରିବା ପରିବର୍ତ୍ତେ ଯାନ୍ତ୍ରିକ ସାଧନ ମାଧ୍ୟମରେ ତତ୍କାଳ ପ୍ରତିକୃତି କରିପାରିବେ । ଛାପା ସଂସ୍କୃତି ସାକ୍ଷରତା, ପ୍ରତିଲିପି ପ୍ରସ୍ତୁତ କରିବା ଓ ମୃଦଣର ଶସ୍ତା ପ୍ରୟୋଗ ଉପରେ ନିର୍ଭର ଅଟେ । ୟୁରୋପ, ଜାପାନ ଓ କୋରିଆ ରେ ୧୫୦୦ ଶତାବ୍ଦୀ ଛାପା ସଂସ୍କୃତି ଥିଲା । ଯେଉଁଠାରେ ଏହି ସମସ୍ତ ସ୍ଥାନରେ କମ୍ ସଂଖ୍ୟାରେ ପାଠକ ଥିଲେ । ୧୮୫୦ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବିଶ୍ୱରେ କୋଟି କୋଟି ଲୋକ ଛାପା ସଂସ୍କୃତିରେ ସାମିଲ ହୋଇଗଲେ ଏବଂ ସେମାନେ ଅଧିକ ସଂଖ୍ୟାରେ ନଗର ଏବଂ ସହରରେ ରହୁଥିଲେ । ଦା ଓ ଫଟକା ବଜାର ଜାଣିବାପାଇଁ ଖବରକାଗଜର ପଠନ ଏବଂ ଗୋଟିଏ ଉପନ୍ୟାସ ପଠନ ଉଭୟ ଛାପା ସଂସ୍କୃତିର ବ୍ୟବହାର ଥିଲା ।